**ମଦ ଜବତ, ୪ ଗିରଫ**

**ବଇଣ୍ଡା,(ପରିକ୍ଷିତ ସାହୁ):** ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଠାକୁରଗଡ଼ ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ଚୋରା ଦେଶୀମଦ ଜବତ କରାଯିବା ସହ ୪ ଜଣଙ୍କୁ ଗିରଫ କରାଯାଇଛି। ବନ୍ତୁଲ ଗ୍ରାମର ତ୍ରିପୁର ବେହେରାଙ୍କ ଘରୁ ୧୨ଲିଟର, ପାଇକସାହି ଗ୍ରାମର ଖଗେଶ୍ୱର ନାୟକଙ୍କ ଠାରୁ ୧୦ ଲିଟର, ଆମ୍ବସରମୁଣ୍ଡାର ମନୋଜ କୁମାର ନାୟକଙ୍କ ଠାରୁ ୧୫ ଲିଟର ଓ ଆରାମପୁର ତ୍ରିପୁର ବେହେରାଙ୍କ ଘରୁ ୧୦ ଲିଟର ମଦ ଜବତ କରାଯିବା ସହ ସେମାନଙ୍କୁ ଗିରଫ କରାଯାଇଛି।

# ବଢ଼ୁଛି ମୋରମ ଚୋରା ଚାଲାଣ

■ବେଆଇନ ଭାବେ କଟାଯାଉଛି ପାହାଡ଼, ଗଛ
■ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ



**ବଇଣ୍ଡା,୧୩।୧୨(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଅଞ୍ଚଳରେ ବଢ଼ୁଛି ମୋରମ ଚୋରା ଚାଲାଣ। ବିଶେଷକରି ବଇଣ୍ଡା ରାଜସ୍ୱ ବିଭାଗ ଅଧୀନରେ ଥିବା କଦଳୀମୁଣ୍ଡା, ପାର୍ବତୀପୁର, ନୁନୁକାପଶି ଆଦି ଅଞ୍ଚଳର ପାହାଡ଼ରୁ ଦୈନିକ ମୋରମ ଖୋଳି ଚୋରା ଚାଲାଣ କରାଯାଉଥିବା ଅଭିଯୋଗ ହେଉଛି। କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଏହି ଅଞ୍ଚଳରେ ଜାରି ରହିଥିବାରୁ ଏହାର ସୁଯୋଗ ନେଇ ମାଟି ମାଫିଆ ଓ କେତେଜଣ ଠିକାଦାର ରାସ୍ତା ନିର୍ମାଣ କରୁଥିବା ଠିକା ସଂସ୍ଥାକୁ ଚୋରା ମୋରମ ଯୋଗାଉଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ରାଜସ୍ୱ ବିଭାଗର କିଛି କର୍ମଚାରୀଙ୍କୁ ହାତକରି ଏହି ଚୋରା କାରବାର କରାଯିବା ସହ ପାହାଡ଼ରେ ଥିବା ଶାଗୁଆନ, ଶିଶୁ ଓ ଶାଳଭଳି ମୂଲ୍ୟବାନ ଗଛଗୁଡ଼ିକୁ ମଧ୍ୟ କାଟି ଚାଲାଣ କରାଯାଉଥିବା ପାର୍ବତୀପୁର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ଜାମୁନାଳି ପଞ୍ଚାୟତରେ ଥିବା ୪ଟି ପାହାଡ଼ରୁ ଏକ ଠିକାସଂସ୍ଥା ପକ୍ଷରୁ ପ୍ରତ୍ୟେକ ଦିନ ମୋରମ ଚାଲାଣ କରାଯାଉଛି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବହୁବାର କିଶୋରନଗର ତହସିଲ କାର୍ଯ୍ୟାଳୟଠାରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପ୍ରଶାସନ ଆଖିରେ ଧୂଳି ଦେଇ ଉକ୍ତ ଠିକାସଂସ୍ଥା ଚୋରା ଚାଲାଣ ଜାରି ରଖିଥିବା ଗ୍ରାମବାସୀ କହିଛନ୍ତି। ସେହିପରି କଦଳୀମୁଣ୍ଡା ସଂରକ୍ଷିତ ଜଙ୍ଗଲରୁ କେତେଜଣ ଠିକାଦାର ବିଳମ୍ବିତ ରାତିରେ ଟ୍ରିପ୍ ଟ୍ରିପ୍ ମୋରମ, ମାଟି ବଇଣ୍ଡା ଓ ଆଖପାଖ ଅଞ୍ଚଳକୁ ଚାଲାଣ କରୁଥିବା ସ୍ଥାନୀୟ ଅଞ୍ଚଳବାସୀ ବଇଣ୍ଡା ରାଜସ୍ୱ କାର୍ଯ୍ୟାଳୟଠାରେ ଅଭିଯୋଗ କରିଥିବାବେଳେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ବାରମ୍ବାର ବେଆଇନ ଭାବେ ପାହାଡ଼ କାଟି ମାଫିଆମାନେ ଏହି ଚାଲାଣ କରୁଥିବାବେଳେ ବନ ବିଭାଗ କିମ୍ବା ରାଜସ୍ୱ ବିଭାଗ ପଦକ୍ଷେପ ନେଉ ନ ଥିବା ଜାମୁନାଳି ଅଞ୍ଚଳବାସୀ କହିଛନ୍ତି। ତୁରନ୍ତ ଏଥିପ୍ରତି ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ କିଶୋରନଗର ତହସିଲଦାର ମନୋଜ କୁମାର ପ୍ରଧାନ କହିଛନ୍ତି, ଚୋରା ଚାଲାଣ ରୋକିବା ପାଇଁ ବଇଣ୍ଡା ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯିବା ସହ ଶୀଘ୍ର ପଦକ୍ଷେପ ନିଆଯିବ।

## ସ୍ତ୍ରୀ ଆଗରେ ଚାଲିଗଲା ସ୍ୱାମୀଙ୍କ ଜୀବନ

**ପାଲଲହଡ଼ା, ୧୩।୧୨(ଦିବ୍ୟଜ୍ୟୋତି ଦାଶ)**




ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାରେ ସ୍ତ୍ରୀଙ୍କ ଆଗରେ ଚାଲିଗଲା ସ୍ୱାମୀଙ୍କ ଜୀବନ। ଅନୁଗୋଳ ଜିଲା ପାଲଲହଡ଼ା ଥାନା କାଇଁଶିରିପାଲି ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଘଟିଛି ଏହି ଦୁର୍ଘଟଣା। ମୃତକ ହେଉଛନ୍ତି କାଇଁଶିରିପାଲି ଗ୍ରାମର ଦୁଃଖବନ୍ଧୁ ପ୍ରଧାନ।

ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୨ଟାରେ କାଇଁଶିରିପାଲିର ଦୁଃଖବନ୍ଧୁ ଏକ ବାଇକ୍ (ନଂ. ଓଆର୍୦୨ଏଏନ୍-୧୨୧୦) ରେ ସ୍ତ୍ରୀ ହେମଲତା ପ୍ରଧାନଙ୍କ ସହିତ ପାଲଲହଡ଼ାରୁ ଘରକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା କେନ୍ଦୁଝର ଜିଲା ତେଲକୋଇ ଅଞ୍ଚଳର ଜଣେ ବାଇକ୍ (ନଂ. ଓଡି୦୯ଏକ୍ସ-୩୨୬୮) ଆରୋହୀ ସମ୍ପୃକ୍ତ ଦମ୍ପତିଙ୍କୁ ଧକ୍କା ଦେଇଥିଲେ। ୨ଟି ବାଇକ୍‌ରେ ଥିବା ୩ ଜଣ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଗୁରୁତର ଆଘାତ ଯୋଗୁ ଘଟଣାସ୍ଥଳରେ ଦୁଃଖବନ୍ଧୁଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ହୋଇଥିବା ହେମଲତା ଓ ତେଲକୋଇ ଅଞ୍ଚଳର ବାଇକ୍ ଚାଳକଙ୍କୁ ସ୍ଥାନୀୟ ଗ୍ରାମବାସୀ ଏବଂ ପୋଲିସ ସହଯୋଗରେ ପାଲଲହଡ଼ା ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଉଭୟଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ପୋଲିସ ମୃତଦେହ ଜବତ କରିବା ସହିତ ନଂ. ୩୭୩/୨୦୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ପାଲଲହଡ଼ା ଥାନା ଅଧିକାରୀ ଅନୁରାଧା ମାର୍ଥା ସୂଚନା ଦେଇଛନ୍ତି।

## ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ



ଓସ୍କାପାଲି ହାଇସ୍କୁଲ ପରିସରରେ ପ୍ରଧାନ ଶିକ୍ଷକମାନଙ୍କ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ପ୍ରଧାନଶିକ୍ଷକମାନେ।

**ବଇଣ୍ଡା,୧୩।୧୨(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ଓସ୍କାପାଲି ହାଇସ୍କୁଲ ପରିସରରେ ପ୍ରଧାନ ଶିକ୍ଷକମାନଙ୍କୁ ନେଇ ଚାଲିଥିବା ବିଦ୍ୟାଳୟଗୁଡ଼ିକର ସାମୂହିକ ବିକାଶ ସମ୍ପର୍କିତ ତାଲିମ୍ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ୯ଟି କ୍ଲଷ୍ଟରର ୩୫ ଜଣ ପ୍ରଧାନଶିକ୍ଷକ ଅଂଶଗ୍ରହଣ କରିଥିଥିଲେ। ଏଥିରେ ସହ ଶୈକ୍ଷିକ, ଭୌତିକ, ବିଦ୍ୟାଳୟର ସମ୍ବଳ ଆକଳନ, ରୂପରେଖ ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ବବ୍ରୁବାହନ ସାହୁ, ପ୍ରତାପ କୁମାର ପ୍ରଧାନ, ଶରତ କୁମାର ସେଠୀ, ରଞ୍ଜନ କୁମାର ବିଶ୍ୱାଳ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଧାନଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଜବାହରଲାଲ ପ୍ରଧାନ, ରମଣୀ ରଞ୍ଜନ ପ୍ରଧାନ, ପ୍ରଭାକର ରାଉଳ ଯୋଗଦେଇ ଶିକ୍ଷାର ବିକାଶ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ।

## ପଞ୍ଚଧାରା ଭେଟେରାନ୍ସ ଆସୋସିଏଶନର ବାର୍ଷିକ ସମ୍ମିଳନୀ

**ବଇଣ୍ଡା,୧୩।୧୨(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ହଣ୍ଡପା ଥାନା ନାକିଚି ନିକଟରେ ପଞ୍ଚଧାରା ଭେଟେରେନ୍ସ ଆସୋସିଏଶନର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠମଲ୍ଲିକ, କିଶୋରନଗର, ବଇଣ୍ଡା, ଜରପଡା ଅଞ୍ଚଳର ବହୁ ଅବସରପ୍ରାପ୍ତ ସେନା କର୍ମଚାରୀ ଯୋଗଦେଇଥିଲେ। ଆସୋସିଏଶନ ସଭାପତି ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ସାଧାରଣ ସମ୍ପାଦକ ସୁକାନ୍ତ କୁମାର ରଣା ସ୍ୱାଗତ ଭାଷଣ ରଖିଥିବାବେଳେ ଅଶୋକ କୁମାର ଶତପଥୀ, ଲଛମନ ସାହୁ, ପ୍ରଶାନ୍ତ କୁମାର ସାହୁ, ତ୍ରିନାଥେଶ୍ୱର ପ୍ରଧାନ, ପବିତ୍ର ରଣା, ପ୍ରଦୀପ କୁମାର ପ୍ରଧାନ, ସନ୍ତୋଷ କୁମାର ନାୟକଙ୍କ ସମେତ ବହୁ ଅବସରପ୍ରାପ୍ତ ସେନା କର୍ମଚାରୀ ଯୋଗଦେଇ ବିଭିନ୍ନ ସମସ୍ୟାର ଦୂରୀକରଣ ଉପରେ ଆଲୋଚନା କରିଥିଲେ। ସାମାଜିକ କାର୍ଯ୍ୟ କରିବା ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା।

## କୃତୀ ପ୍ରତିଯୋଗୀଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା



ବିଦ୍ୟାଳୟ ପରିସରରେ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବଇଣ୍ଡା,୧୩।୧୨(ପରିକ୍ଷିତ ସାହୁ)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଆବାହନୀ ଖୁଣ୍ଟିଆ, ଆକାଶ ପ୍ରଧାନ, ଶୁଭମ ସାହୁ ପ୍ରମୁଖ ଭୁବନେଶ୍ୱରଠାରେ ଶିକ୍ଷାବିଭାଗ ପକ୍ଷରୁ ଅନୁଷ୍ଠିତ ଭାରତୀୟ ଭାଷା ଉତ୍ସବରେ ସଫଳତା ହାସଲ କରି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଏହି କୃତିତ୍ୱ ପାଇଁ ଶୁକ୍ରବାର ବିଦ୍ୟାଳୟ ପକ୍ଷରୁ ସମ୍ପୃକ୍ତ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଆଠମଲ୍ଲିକ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ କୈବଲ୍ୟ କଅଁର ଯୋଗଦେଇ ପ୍ରତିଯୋଗୀମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ଏହି ସଫଳତା ହାଇସ୍କୁଲକୁ ଜିଲାସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ପ୍ରତିମା ଦେହୁରୀ, ଶିକ୍ଷକ ଚିଦାନନ୍ଦ ଦେହୁରୀ, ଅନିଲ ମେହେର, ରଶ୍ମିତା ପ୍ରଧାନ, ବିନତି ମାଝୀ, ଲୋପାମୁଦ୍ରା କଅଁର ପ୍ରମୁଖ ଯୋଗଦେଇଥିଲେ।

## ସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବଇଣ୍ଡା, ୧୩।୧୨(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡାଠାରେ ଥିବା ସାଇ ମନ୍ଦିରର ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କଦଳୀମୁଣ୍ଡା ଗ୍ରାମରୁ କଳସ ଶୋଭାଯାତ୍ରା କରାଯାଇଥିଲା। ଏହାପରେ ମନ୍ଦିରରେ କଳସ ସ୍ଥାପନା କରାଯାଇ ରିତିନୀତି ଅନୁସାରେ ପୂଜାର୍ଚ୍ଚନା ଆରମ୍ଭ କରାଯାଇଥିଲା। ପୂଜକ ମଦନମୋହନ ମିଶ୍ର, ଲଛମନ ଦାସ ହୋମଯଜ୍ଞ କରିଥିଲେ। ତପନ କୁମାର ସାହୁ ଓ ସୁମିତ୍ରା ସାହୁ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ଆଖପାଖ ଅଞ୍ଚଳରୁ ବହୁ ନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ହରିନାମ ପରିବେଷଣ କରିଥିଲେ। ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।



## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ପବିତ୍ରନଗର,୧୩।୧୨(ନିରୋଜ ପ୍ରଧାନ)**



ଅନୁଗୋଳ ଜିଲା କଣିହାଁ ବ୍ଲକ ପବିତ୍ରନଗର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ରମାକାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ପରାବିଲ ଗ୍ରାମ ସଭାପତି ରଘୁନାଥ ପ୍ରଧାନ ଓ ଶିକ୍ଷକ ଅରୁଣ ରଞ୍ଜନ ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶୁକ୍ରବାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରାବିଲ ସରପଞ୍ଚ କବିତା ରାଣୀ ପ୍ରଧାନ, ସମ୍ମାନିତ ଅତିଥି ଭାବେ ପବିତ୍ରନଗର ହାଇସ୍କୁଲ ପ୍ରଧାନ ଶିକ୍ଷକ ପଦ୍ମନାଭ ପ୍ରଧାନ ଯୋଗଦାନ କରିଥିଲେ। ୨ଦିନ ଧରି ବିଭିନ୍ନ ପ୍ରକାର ଖେଳକୁଦ ପ୍ରତିଯୋଗିତା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବାଳକ ବିଭାଗରେ ଦ୍ୱିତୀୟ ବର୍ଷ କଳା ଛାତ୍ର ସୁଶାନ୍ତ କୁମାର ନାୟକ ଓ ବାଳିକା ବିଭାଗରେ ଦ୍ୱିତୀୟ ବର୍ଷ କଳା ଛାତ୍ରୀ ବବିତା ଉଗ୍ରଶୁଣ୍ଡି ଚାମ୍ପିୟନ ହୋଇଥିଲେ। କଲେଜର କ୍ରୀଡ଼ା ଶିକ୍ଷକ ପ୍ରଣବ କିଶୋର ଗଡ଼ନାୟକ, କ୍ରୀଡ଼ା ଶିକ୍ଷକ ଭାଗୀରଥି ବିଶ୍ୱାଳ ଓ ହେମନ୍ତ କୁମାର ସାହୁ ଖେଳ ପରିଚାଳନା କରିଥିଲେ। ଅଧ୍ୟାପକ ଧନଞ୍ଜୟ ସିଂଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

## କୁଲାଡ଼ ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ

**ବଅଁରପାଳ,୧୩।୧୨(ସୁବାସ ସାହୁ)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଅନ୍ତର୍ଗତ କୁଲାଡ ଗ୍ରାମ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିବା ସହ ଏହି ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଗ୍ରାମବାସୀଙ୍କ ସାମଗ୍ରିକ ବିକାଶରେ ସହାୟକ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବଅଁରପାଳ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋଚନ ଦାସ ଓ କୁଲାଡ ଟ୍ରକ୍ ମାଲିକ ସଂଘ ସଭାପତି ମନୋରଞ୍ଜନ ଜେନା ପ୍ରମୁଖ ଯୋଗଦେଇଥିଲେ। କୁଲାଡ଼ ପଞ୍ଚାୟତର ସରପଞ୍ଚ ଉଷାରାଣୀ ସ୍ୱାଇଁ ସଭାପତିତ୍ୱ କରିଥିଲେ। ପଞ୍ଚାୟତର ସମସ୍ତ ୱାର୍ଡମେମ୍ବର ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



ପଞ୍ଚାୟତ କାର୍ଯ୍ୟାଳୟର ନୂତନ ଗୃହକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

## ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ରହୁ ରେଙ୍ଗାଲି, ସମଲ ସ୍ୱାସ୍ଥ୍ୟକେନ୍ଦ୍ର

**ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଲେ ପାଲଲହଡ଼ା ବିଧାୟକ**

**ପବିତ୍ରନଗର,୧୩।୧୨(ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁ ବ୍ଲକ ଅନ୍ତର୍ଗତ ରେଙ୍ଗାଳି ଓ ସମଲ ସ୍ଥିତ ପ୍ରକଳ୍ପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଳ ସମ୍ପଦ ବିଭାଗ ଅଧୀନରୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧୀନକୁ ହସ୍ତାନ୍ତର କରାଯିବା ପାଇଁ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମଙ୍ଗଳବାର ବିଧାନସଭାରେ ଦାବି କରିଥିଲେ। ଏଥିସହ ଏହି ପ୍ରସଙ୍ଗରେ ବିଧାୟକ ମହାନ୍ତି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଭେଟି ଏକ ପ୍ରସ୍ତାବପତ୍ର ପ୍ରଦାନ କରିଥିଲେ। ଉକ୍ତ ପ୍ରସ୍ତାବପତ୍ରରେ ବିଧାୟକ ଦର୍ଶାଇନ୍ତି, ରେଙ୍ଗାଳି ପ୍ରକଳ୍ପ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ରେଙ୍ଗାଳି ପ୍ରକଳ୍ପ ଅଞ୍ଚଳ ସହ ସ୍ଥାନୀୟ ୧୫ଟି ପଞ୍ଚାୟତର ଜନସାଧାରଣ ଓ ସୀମାନ୍ତବର୍ତ୍ତୀ ଦେବଗଡ଼ ଜିଲାର ୩ ପଞ୍ଚାୟତବାସୀ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରୁଛନ୍ତି। ସେହିପରି ସମଲ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ରୁଗ୍‌ଣ ଅବସ୍ଥାରେ ପଡ଼ିରହିଛି। ଉଭୟ ସ୍ୱାସ୍ଥ୍ୟକେନ୍ଦ୍ର ଜଳସମ୍ପଦ ବିଭାଗ ଅଧୀନରେ ଥିବାବେଳେ ଡାକ୍ତର, କର୍ମଚାରୀ ଓ ଆନୁସଙ୍ଗିକ ବ୍ୟବସ୍ଥା ପୂରଣ ହୋଇପାରୁ ନ ଥିବାରୁ ଲୋକଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ। ତେଣୁ ଉଭୟ ଡାକ୍ତରଖାନାକୁ ସ୍ୱାସ୍ଥ୍ୟ ବିଭାଗରେ ସାମିଲ କରିବା ପାଇଁ ବିଧାୟକ ମହାନ୍ତି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।



Ashok Mohanty
M.L.A PALLAHARA
Member of Standing Committee 1
Home, General Administration, Pension
Govt of Odisha

No:........ Date 10/12

To,
Dr. Mukesh Mahaling,
Hon'ble Minister of Health and Family Welfare,
Parliamentary Affairs, and Electronic and Information Technology

Sub:- Proposal for Transferring Project Hospital at Rengali Irrigation Project from the Irrigation Department to the Health and Family Welfare Department

Sir,

I wish to bring to your kind notice that the Project Hospital at Rengali Irrigation Project, currently under the jurisdiction of the Irrigation Department, serves as a vital healthcare facility for residents across 15 Panchayats under Pallahara Constituency. To enhance the quality and accessibility of healthcare services for the public, I propose transferring the administration of this Project Hospital at Rengali Irrigation Project from the Irrigation Department to the Health and Family Welfare Department.

Similarly, the Samal Barrage Hospital, also managed by the Irrigation Department, could be transferred to the Health and Family Welfare Department and converted into a new PHC. This will significantly strengthen the healthcare infrastructure and ensure better medical services for the larger community.

Given the importance of this matter for public health, I kindly request immediate action and necessary directives to facilitate these transfers.

With regards,

Yours sincerely,
Ashok Mohanty, MLA
Pallahara Assembly Constituency
ଅଶୋକ ମହାନ୍ତି
ବିଧାୟକ, ପାଲଲହଡା

ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ବିଧାୟକ ପ୍ରଦାନ କରିଥିବା ଦାବିପତ୍ର।

## ମହାବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା ସମାପନ

**ତାଳଚେର,୧୩।୧୨(ମନୋଜ ନନ୍ଦ)**

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଡ. ସନ୍ତୋଷ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଅଧ୍ୟକ୍ଷ ମେଜର ସୁବ୍ରତ କୁମାର ଦାସ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ତଥା ଶିକ୍ଷାବିତ୍ ପ୍ରଫେସର ଅଶୋକ ପ୍ରସନ୍ନ ଶରଣ ଯୋଗଦେଇଥିଲେ। ଯୁକ୍ତ୩ ସ୍ତରରେ ତୀର୍ଥରାଜ ପୂର୍ତ୍ତି ଓ ପ୍ରିୟଦର୍ଶିନୀ ସାହୁ, ଯୁକ୍ତ ୨ ସ୍ତରରେ ଥାପୁ ଚରଣ ମୁର୍ମୁ ଏବଂ ତୁଳସୀ ମୁର୍ମୁ ଚାମ୍ପିୟନ ହୋଇଥିଲେ। ଅଧ୍ୟାପକ କର୍ମଚାରୀମାନଙ୍କ ଶହେ ମିଟର ଦୌଡ଼ରେ ଅଧ୍ୟାପକ ଭଗବାନ ସିଂହ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

## ସାଇ ଆଶ୍ରମର ବାର୍ଷିକ ଉତ୍ସବ



ରେଙ୍ଗାଳି ପ୍ରକଳ୍ପ ଗ୍ୟାରେଜ ଛକ ନିକଟସ୍ଥ ଶିରିଡ଼ି ସାଇ ଆଶ୍ରମରେ ଯଜ୍ଞ କାର୍ଯ୍ୟ ଚାଲିଛି।

**ପବିତ୍ରନଗର,୧୩।୧୨(ନିରୋଜ କୁମାର ପ୍ରଧାନ)**

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଗ୍ୟାରେଜ ଛକ ନିକଟସ୍ଥ ଶିରିଡ଼ି ସାଇ ଆଶ୍ରମର ଦ୍ୱାଦଶ ତମ ବାର୍ଷିକ ଉତ୍ସବ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରୁ ମହିଳାମାନେ ଏକ ବିରାଟ କଳସ ଯାତ୍ରାରେ ଆଶ୍ରମକୁ ଆସିବା ପରେ ହୋମଯଜ୍ଞ ଆରମ୍ଭ ହୋଇଥିଲା। ପୁରୋହିତ ଅନନ୍ତ ଚରଣ ମିଶ୍ର ଓ ସେବକ ନିର୍ମଳ ସାହୁ ଯଜ୍ଞ ପରିଚାଳନା କରିଥିଲେ। ଉତ୍ସବରେ ଆଶ୍ରମର ସ୍ଥାୟୀ ସଭାପତି ଜଗମୋହନ ପ୍ରଧାନ ଓ ସ୍ତ୍ରୀ ଇନ୍ଦିରା ପ୍ରଧାନ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ମଧ୍ୟାହ୍ନରେ ପୂର୍ଣ୍ଣାହୂତି ପରେ ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁ ଅନ୍ନ ପ୍ରସାଦ ସେବନ କରିଥିଲେ। ଅପରାହ୍ନରେ ବାବାଙ୍କ ପାଲିଙ୍କି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବାଜା, ରୋଷଣୀ, ସଂକୀର୍ତ୍ତନ ମଣ୍ଡଳୀ ସହ ଭକ୍ତମାନେ ବିରାଟ ପଟୁଆରରେ ପାଲିଙ୍କି ଶୋଭାଯାତ୍ରାରେ ବାହାରି ସମଗ୍ର ପ୍ରକଳ୍ପ ଅଞ୍ଚଳ ପରିକ୍ରମା କରି ସନ୍ଧ୍ୟାରେ ଆଶ୍ରମକୁ ଫେରିଥିଲେ। ସେଠାରେ ବାବାଙ୍କ ମହା ଆଳତି ନୀତି ସମ୍ପନ୍ନ ହୋଇଥିଲା। ସଭାପତି ଜଗମୋହନଙ୍କ ନେତୃତ୍ୱରେ ସାଇସେବା ମଣ୍ଡଳୀ ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କପିଳାସ-ସପ୍ତଶଯ୍ୟା ଉନ୍ନତୀକରଣ ବାଧାପ୍ରାପ୍ତ

**କୋଟି କୋଟି ଟଙ୍କାର ପ୍ରସ୍ତାବ ଯାଉଛି, ସମସ୍ୟା ସମାଧାନ ହେଉନି**





**ଢେଙ୍କାନାଳ,୧୩।୧୨(ରତନ ନାୟାର)**

ରାଜ୍ୟ ତଥା ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ସବୁଜିମା ସପ୍ତଶଯ୍ୟାର ଉନ୍ନତୀକରଣ କାର୍ଯ୍ୟ ଆଜିକୁ ବହୁବର୍ଷ ହେଲା ବାଧାପ୍ରାପ୍ତ ହୋଇଛି । ସରକାର ଓ ପ୍ରଶାସନ ପକ୍ଷରୁ ଏହି ଦୁଇ ପର୍ଯ୍ୟଟନ ସ୍ଥଳୀର ଉନ୍ନତୀକରଣ ପାଇଁ କୋଟି କୋଟି ଟଙ୍କାର ପ୍ରସ୍ତାବ ଯାଉଛି । କିନ୍ତୁ ଏଏସ୍ଆଇ ଓ ବନବିଭାଗର ପ୍ରତିବନ୍ଧକ ଯୋଗୁ ବିକାଶ ହୋଇପାରୁନି । ଏ ସମ୍ପର୍କରେ କେବଳ ଆଲୋଚନା ହେଉଛି, କିନ୍ତୁ ସମସ୍ୟାର ବାଟ ଫିଟୁନି । ପର୍ଯ୍ୟଟନ ବିଭାଗ ପକ୍ଷରୁ ଅନୁଦାନ ଘୋଷଣା ହେଉଥିବା ବେଳେ ବନବିଭାଗ ଓ ଏଏସ୍ଆଇର ଅନୁମତି ବିନା ବିକାଶ ହୋଇପାରିବ ନାହିଁ ବୋଲି କୁହାଯାଉଥିବା ବେଳେ ବନବିଭାଗ ପକ୍ଷରୁ ଏହି ଦୁଇ ପୀଠରେ ସ୍ୱଚ୍ଛତା କେବଳ ଘୋଷଣା ଓ ଭାଷଣବାଜିରେ ସୀମିତ ରହିଛି । ଦୁଇଟିଯାକ ପୀଠ ସବୁଜିମା ବଣଜଙ୍ଗଲ ମଧ୍ୟରେ ଥିବାରୁ ପ୍ଲାଷ୍ଟିକ ଓ ଅଳିଆ ଆବର୍ଜନା ଅଭୟାରଣ୍ୟ ଓ ସଂରକ୍ଷିତ ଜଙ୍ଗଲ ପରିବେଶ ପାଇଁ ବିପଦ ସୃଷ୍ଟି କରୁଥିବାରୁ ସମସ୍ୟା ହେଉଥିବା ଦର୍ଶାଯାଇଛି । ଏଭଳି ସ୍ଥିତିରେ କୌଣସି ନିର୍ଯ୍ୟାସ ବାହାରୁ ନଥିବା ବେଳେ ବିକାଶ କେବଳ ଅନୁଦାନ ଘୋଷଣାରେ ସୀମିତ ହୋଇରହିଛି। ଗତ ନଭେମ୍ବର ୨୨ରେ ପର୍ଯ୍ୟଟନ ବିଭାଗ ଦାୟିତ୍ୱରେ ଥିବା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଢେଙ୍କାନାଳ ଗସ୍ତରେ ଆସିଥିବା ବେଳେ ଗଣମାଧ୍ୟମର ବିଭିନ୍ନ ପ୍ରଶ୍ନର ଉତ୍ତରରେ କହିଥିଲେ ଯେ, କପିଳାସ ଓ ସପ୍ତଶଯ୍ୟାର ଉନ୍ନତୀକରଣ ପାଇଁ ଜିଲାର ମନ୍ତ୍ରୀ, ସମସ୍ତ ବିଧାୟକ, ଏମ୍ପି ଓ ଜିଲାପାଳଙ୍କ ସମେତ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ହୋଇଛି । କପିଳାସ ପୀଠ ପାଇଁ ୧୧୦ କୋଟି ଟଙ୍କାର ପ୍ରସ୍ତାବ ଯାଇଛି । ଏଏସ୍ଆଇ ଓ ବନବିଭାଗ ସହ ଆଲୋଚନା ପରେ ଏ ସମ୍ପର୍କରେ ନିଷ୍ପତି ନିଆଯିବ। ସେହିପରି ଗତ ସରକାରଙ୍କ ସମୟରେ ମଧ୍ୟ କପିଳାସ ପୀଠ ପାଇଁ ଅନୁଦାନ ଘୋଷଣା କରାଯାଇଥିଲେ ମଧ୍ୟ ଏଏସ୍ଆଇ ପ୍ରତିବନ୍ଧକ ସାଜୁଥିବାରୁ ପୀଠର ଉନ୍ନତୀକରଣ ହୋଇପାରିଲା ନାହିଁ । ପୀଠରେ ଏଏସ୍ଆଇ ପକ୍ଷରୁ ମୁଖ୍ୟ ମନ୍ଦିର ଗର୍ଭଗୃହର ଉନ୍ନତୀକରଣ କରାଯାଇଥିଲେ ମଧ୍ୟ ପୁଣି ଗର୍ଭଗୃହରେ ପାଣି ଗଳିବା ସହିତ ମା' ପାର୍ବତୀଙ୍କ ମନ୍ଦିର ଛାତ ବିପଦସଙ୍କୁଳ ହୋଇ ବର୍ଷାଦିନେ ମା' ଠାକୁରାଣୀ ବର୍ଷା ପାଣିରେ ଭିଜୁଛନ୍ତି । ସେହିପରି ସପ୍ତଶଯ୍ୟାରେ ମଧ୍ୟ ପର୍ଯ୍ୟଟକମାନଙ୍କ ପାଇଁ ବିଶ୍ରାମାଗାର ଏବଂ ପିକନିକ୍ ପାଇଁ ବହୁ ଆନୁସଙ୍ଗିକ ଉନ୍ନତୀକରଣ କାର୍ଯ୍ୟ ହେବା ନିମନ୍ତେ ୧କୋଟି ୨୩ଲକ୍ଷ ଟଙ୍କାର ପ୍ରସ୍ତାବ ଯାଇଛି । କିନ୍ତୁ ବନବିଭାଗର ପ୍ରତିବନ୍ଧକ ଯୋଗୁ ବିକାଶ କାର୍ଯ୍ୟ ହୋଇପାରୁନଥିବାରୁ ବିକାଶ କେବଳ ଅନୁଦାନ ଘୋଷଣାରେ ସୀମିତ ହୋଇ ରହିଛି । ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କୁହନ୍ତି, ଜିଲାରେ ଏକମାତ୍ର ଅଭୟାରଣ୍ୟ କପିଳାସ ଅଭୟାରଣ୍ୟ । ବାରମ୍ବାର ସଚେତନତା ସତ୍ତ୍ୱେ ସବୁଜିମା ଅଭୟାରଣ୍ୟ ପରିବେଶରେ ପ୍ଲାଷ୍ଟିକ, ବର୍ଜ୍ୟବସ୍ତୁ, ଖାଲି ବୋତଲ, ଅଇଁଠା ଖଲି ଆଦି ପକାଇ ଦୂଷିତ କରାଯାଇଛି । ବାରମ୍ବାର କହିବା ପରେ କେହି ଶୁଣୁନାହାନ୍ତି । ଏଭଳି ପରିସ୍ଥିତିରେ ବନବିଭାଗ କିଭଳି ଭାବରେ ଅନୁମତି ପ୍ରଦାନ କରିବ, ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେହିପରି ପ୍ରକୃତିର ବରଦାନ ସ୍ୱରୂପ ସବୁଜିମା ସପ୍ତଶଯ୍ୟାର ସୌନ୍ଦର୍ଯ୍ୟ ସମସ୍ତଙ୍କୁ ଆକର୍ଷିତ କରିଛି । କିନ୍ତୁ ପିକ୍‌ନିକ ସମୟ ସମେତ ଅନ୍ୟ ସମୟରେ ମଧ୍ୟ ସେଠାକୁ ଭୋଜିଭାତ କରିବାକୁ ଆସୁଥିବା ଲୋକମାନେ ଖାଲି ମଦ ବୋତଲ, ପ୍ଲାଷ୍ଟିକ, ଅଇଁଠା ଖଲି ଓ ଅନ୍ୟ ବର୍ଜ୍ୟବସ୍ତୁକୁ ପକାଇ ସବୁଜିମା ପରିବେଶକୁ ନଷ୍ଟ କରୁଛନ୍ତି, ଯାହାକି ଜଙ୍ଗଲ ପରିବେଶ ପାଇଁ କ୍ଷତିକାରକ । ପ୍ରଥମେ ପର୍ଯ୍ୟଟନ ବିଭାଗ ଏସବୁକୁ ବନ୍ଦ କରି ଦେଖାନ୍ତୁ । ଏହା ଦେଖିବା ପରେ ବନବିଭାଗ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯିବ ବୋଲି ଜିଲା ବନଖଣ୍ଡ ଅଧିକାରୀ କହିଥିଲେ । ସ୍ୱଚ୍ଛତା କେବଳ ଘୋଷଣା ଓ ଭାଷଣବାଜିରେ ସୀମିତ ଥିବା ବେଳେ ମନ୍ଦିର ଓ ପର୍ଯ୍ୟଟନ ସ୍ଥଳି ଗୁଡିକରେ ପରିବେଶ ସ୍ୱଚ୍ଛତା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉ ନଥିବାରୁ ଏହି ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ବିକାଶର ବାସ୍ତବତାର ସ୍ୱାଦ ଚାଖୁନି ।

## ବସ୍ ଦୁର୍ଘଟଣାରେ ୩ ମୃତ ଘଟଣା ଡ୍ରାଇଭର କୋର୍ଟ ଚାଲାଣ

**ପରଜଙ୍ଗ, ୧୩।୧୨ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ୫୩ ନଂ. ଜାତୀୟ ରାଜପଥର ଖଇରାମୁଣ୍ଡା ଗ୍ରାମ ନିକଟରେ ଗତ ମଙ୍ଗଳବାର ସକାଳେ ଏକ ଘରୋଇ ବସ ଦୁର୍ଘଟଣାରେ ୩ ଜଣ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ମୃତକମାନେ ହେଲେ ମୁଣ୍ଡେଇଲୋ ପଞ୍ଚାୟତ ଗେହ୍ଲେଇକାଟେଣି ଗ୍ରାମର ସାଗର ପ୍ରଧାନ, ନାଉପାଳକାଟେଣି ଗ୍ରାମର ସୌମ୍ୟରଞ୍ଜନ ସାହୁ ଓ ସୁମନ୍ତ ପରିଡ଼ା। ଦୁର୍ଘଟଣା ଘଟାଇ ବସ୍‌ଟି ସେଠାରୁ ପଳାଇ ଯାଉଥିବା ବେଳେ ସରାଙ୍ଗ ଫାଣ୍ଡି ପୋଲିସକୁ ଦେଖି ଚାଳକ ଗାଡ଼ି ଛାଡ଼ି ପଳାଇ ଯାଇଥିଲେ । ପୋଲିସ ସୂଚନା ପାଇ ଡ୍ରାଇଭର ଡୁମୁସିଙ୍ଗା ଅଞ୍ଚଳର ସତ୍ୟନାଥ ନାୟକଙ୍କୁ ଶୁକ୍ରବାର ଭୋରୁ ପୋଲିସ ଗିରଫ କରିଥିବା ଥାନାଧିକାରୀ ପ୍ରିୟବ୍ରତ ଦାସ ସୂଚନା ଦେଇଛନ୍ତି। ଡ୍ରାଇଭରଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ମଞ୍ଜୁର ହୋଇଛି। ପୋଲିସ ସୂଚନା ମୁତାବକ ଡ୍ରାଇଭରଙ୍କ ୩ ଦିନ ଅନିଦ୍ରା ଥିବାରୁ ଆଖି ଲାଗିଯାଇଥିଲା, ଫଳରେ ଦୁର୍ଘଟଣା ଘଟିଥିଲା। ଏଥିସହ ଗାଡ଼ି ମାଲିକ ୩ ପରିବାରକୁ ୧୫ ହଜାର ଟଙ୍କା ଲେଖାଏଁ ସହାୟତା ଦେଇଥିବା ଜଣାପଡିଛି ।

## ଜାତୀୟ ଯୁବ ଉତ୍ସବ ଉପଲକ୍ଷେ ପ୍ରତିଯୋଗିତା



ଜାତୀୟ ଯୁବ ଉତ୍ସବ ଉପଲକ୍ଷେ ଜିଲାସ୍ତରୀୟ ପ୍ରତିଯୋଗିତା

**ଢେଙ୍କାନାଳ,୧୩।୧୨(ରତନ ନାୟାର)**

ଜାତୀୟ ଯୁବ ଉତ୍ସବ ଉପଲକ୍ଷେ ଜିଲାସ୍ତରୀୟ ପ୍ରତିଯୋଗିତା ଶୁକ୍ରବାର ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲଠାରେ ଅନୁଷ୍ଠିତ ହୋଇଯାଇଛି । ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାକୁ ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶଚନ୍ଦ୍ର ସେଠି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହ କହିଲେ ଯେ, ଯୁବଶକ୍ତିମାନଙ୍କ ମଧ୍ୟରେ ଥିବା ପ୍ରତିଭାର ବିକାଶ ସହିତ ସେମାନଙ୍କୁ ଲୋକାଭିମୁଖୀ କରିବା ପାଇଁ ଏଭଳି କାର୍ଯ୍ୟକ୍ରମ ଉପାଦେୟ ହୋଇପାରିବ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡନାୟକ ନକରାତ୍ମକ ଭାବଧାରାକୁ ମନରୁ ଦୂର କରି ପ୍ରତିଯୋଗିତାମୂଳକ ମନୋଭାବରେ ନିଜ ଶ୍ରେଷ୍ଠତା ପ୍ରତିପାଦନ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ସସ୍ମିତା ସାହୁ ଯୋଗଦେଇଥିଲେ । ଜିଲା କଳା ଓ ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ । ପରେ ଦଳଗତ ଲୋକନୃତ୍ୟ, ଦଳଗତ ଲୋକ ସଙ୍ଗୀତ, ଏକାକି ଲୋକନୃତ୍ୟ ଓ ଲୋକ ସଙ୍ଗୀତ, ହିନ୍ଦୀ ଓ ଇଂରାଜୀର ଔପଚାରିକା ବକ୍ତୃତା, ହିନ୍ଦି ଓ ଇଂରାଜୀରେ ପଦ୍ୟ ଲିଖନ ଓ ଗଳ୍ପ ଲିଖନ, ଚିତ୍ରକଳା ଆଦି ପ୍ରତିଯୋଗିତା ହୋଇଥିଲା ।

## କୂଅରେ ପଡ଼ି ବାଳକ ମୃତ

**କାମାକ୍ଷାନଗର, ୧୩।୧୨ (ସୁଧୀର କୁମାର ପରିଡ଼ା)**

ଢେଙ୍କାନାଳ ଜିଲା ଡୁମୁସିଙ୍ଗା ଥାନା କନ୍ତିଓକାଟେଣୀ ଗ୍ରାମର ପ୍ରିୟାଂଶୁ ବେହେରା(୫) ନାମକ ବାଳକ ଶୁକ୍ରବାର ମଧ୍ୟାହ୍ନରେ କୂଅରେ ପଡ଼ି ପ୍ରାଣ ହରାଇଛି । ସେ ସାଙ୍ଗମାନଙ୍କ ସହ ଖେଳୁଥିବା ବେଳେ କୂଅରେ ପଡ଼ିଯାଇଥିଲେ । ଖବର ପାଇ କାମାକ୍ଷାନଗର ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ କୂଅରୁ ଉଦ୍ଧାର କରି ଅଁଳାବେରେଣୀ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## କଂଗ୍ରେସର ସାଙ୍ଗଠନିକ ବୈଠକ




**ଭୁବନ, ୧୩।୧୨ (ବିପିନ ବିହାରୀ ସେଠୀ)**

**୫୦ରୁ ଊର୍ଦ୍ଧ୍ୱ ଛାତ୍ର ଯୋଗଦେଲେ**

ଢେଙ୍କାନାଳ ଜିଲା ଭୁବନ ବଣଚଣ୍ଡି ପୀଠରେ ଶୁକ୍ରବାର କଂଗ୍ରେସର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ବୈଠକ କରାଯାଉଛି। ସରକାରଙ୍କୁ ବିରୋଧ କରି କିପରି ଯୁବପିଢ଼ି କଂଗ୍ରେସକୁ ଗୁରୁତ୍ୱ ଦେଇ ସାମିଲ ହେବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଭୁବନ ଟାଉନ କଂଗ୍ରେସ ସଭାପତି ମନୋଜ କୁମାର ସାହୁଙ୍କ ସଭାପତିତ୍ୱ ରହିଥିବା ବେଳେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କଂଗ୍ରେସର ନିତି ଆଦର୍ଶରେ ଅନୁପ୍ରାଣିତ ହୋଇ ଭୁବନ ଅଞ୍ଚଳରେ ଥିବା ସମସ୍ତ କଲେଜର ୫୦ରୁ ଊର୍ଦ୍ଧ୍ୱ ଛାତ୍ର ପଞ୍ଚାନନ ରାଉତଙ୍କ ନେତୃତ୍ୱରେ କଂଗ୍ରେସ ଦଳରେ ସାମିଲ ହୋଇଥିଲେ। ସେଥିରେ ରାଜ୍ୟ ଯୁବ କଗ୍ରେସ ସାଧାରଣ ସମ୍ପାଦକ ଅଭିଜିତ ଜେନା, ଜିଲା କଂଗ୍ରେସ କମିଟିର ସଭାପତି ସୁନିଲ ଦାସ, ଜିଲା କୃଷକ ସେଲ ସଭାପତି ବିପ୍ରବର ସାହୁ, ଶୁଭମ ଦାସ ଜିଲା ଯୁବ କଂଗ୍ରେସ ସଭାପତି, ସତକେତୁ ମିଶ୍ର ଜିଲା ଜିଲ୍ଲା କଂଗ୍ରେସ ସମ୍ପାଦକଙ୍କ ସମେତ ସମସ୍ତ ଜିଲାସ୍ତରୀୟ କର୍ମକର୍ତ୍ତା ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା କଂଗ୍ରେସ କମିଟିର ସମ୍ପାଦକ ବିନୋଦ ମହାରଣା ପରିଚାଳନା କରିଥିଲେ।

## ଅସହାୟ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ

**ପରଜଙ୍ଗ,୧୩।୧୨(ନିଗମାନନ୍ଦ ଦଳବେହେରା)**

ରାଜ୍ୟରେ କିଛିଦିନଧରି କୋହଲା ପାଗ ଜାରି ରହିବା ସହ ଆକାଶ ମେଘାଚ୍ଛନ୍ନ ରହିଛି। ଫଳରେ ଗାଁମାନଙ୍କରେ ବୃଦ୍ଧାବୃଦ୍ଧମାନେ ଥଣ୍ଡା ପାଗରେ ଘରୁ ବାହାରକୁ ବାହାରିବା କଷ୍ଟସାଧ୍ୟ ହୋଇପଡିଛି। ଏହାକୁ ଦୃଷ୍ଟିରେ ରଖି ୟୁଥ ୟୁନାଇଟେଡ଼ ସନଷ୍ଟେବଲ ଏନଭାରମେଣ୍ଟ ଟ୍ରଷ୍ଟ (ୟୁସେ) ପକ୍ଷରୁ କଳଦା ପଞ୍ଚାୟତ ଅଧିନସ୍ଥ ସିଂହଡା ପୁରୁଣା ଗ୍ରାମରେ ବୃଦ୍ଧାବୃଦ୍ଧମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଏହି ସାହିର ପ୍ରାୟ ୩୦ରୁ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନିର୍ମଳ ଗଡ଼ନାୟକ, ଶାନ୍ତନୁ କୁମାର ଭୁକ୍ତା, ବ୍ଲକ ଆଞ୍ଚଳିକ ସଙ୍କୀର୍ତ୍ତନ ମଣ୍ଡଳୀ ମହାସଂଘର କୋଷାଧ୍ୟକ୍ଷ ଅଭୟ କୁମାର ସାହୁ, ଯୁବ ସାମାଜିକ କର୍ମୀ ସଚ୍ଚିଦାନନ୍ଦ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ନିଶ୍ଚିନ୍ତା ପାହାଡ଼ରେ ବେଆଇନ ପଥର ଖୋଳା ରୋକାଯାଉ

**ଢେଙ୍କାନାଳ,୧୩।୧୨(ରତନ ନାୟାର)**

ଢେଙ୍କାନାଳ ଜିଲା ଗଁଦିଆ ତହସିଲ ନିଶ୍ଚିନ୍ତା ସଂରକ୍ଷିତ ଜଙ୍ଗଲ ପାହାଡ଼ରେ ବେଆଇନ ଭାବରେ ପଥର ଖୋଳା ଓ ଚୋରା ଚାଲାଣ ଦିନକୁ ଦିନ ବଢିବାରେ ଲାଗିଛି । ସୀମାକୁ ଲାଗିଥିବା ବାହାର ଜିଲାର ପଥର ମାଫିଆ ମାନେ ବ୍ୟାପକ ପରିମାଣରେ ଏହି ସଂରକ୍ଷିତ ଜଙ୍ଗଲ ପାହାଡ଼ରୁ ପଥର ଖୋଳି ଚୋରାଚାଲାଣ କରୁଥିବାରୁ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି । ଏହାକୁ ତୁରନ୍ତ ରୋକିବା ସହିତ ଏ ସମ୍ପର୍କରେ ଉଚିତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କୁ ପୂର୍ବତନ ବିଧାୟକ ନବୀନ ନନ୍ଦ ଇ-ମେଲ ଯୋଗେ ଜଣାଇଛନ୍ତି । ପୂର୍ବତନ ବିଧାୟକଙ୍କ ଅଭିଯୋଗରୁ ଜଣାପଡିଛି ଯେ, ଗତ ୬ମାସ ହେଲା ଏଭଳି କାର୍ଯ୍ୟ ବଢିବାରେ ଲାଗିଛି। ନିଶ୍ଚିନ୍ତା ସଂରକ୍ଷିତ ଜଙ୍ଗଲ ଓ ପାହାଡ଼ା ଢେଙ୍କାନାଳ ଜିଲାର ଯାଜପୁର ସୀମାବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ। ପ୍ରାୟ ୬ମାସ ହେବ ସ୍ପଷ୍ଟ ଦିବାଲୋକରେ ଏହି ପାହାଡ଼ରୁ ବେଆଇନ ପଥର ଖୋଳା ଓ ଚୋରାଚାଲାଣ ହେଉଥିବା ବେଳେ ସ୍ଥାନୀୟ ପୋଲିସ, ଖଣି ଅଧିକାରୀ, ରାଜସ୍ୱ ଓ ବନବିଭାଗ ଅଧିକାରୀମାନେ ନିରବତା ଅବଲମ୍ବନ କରୁଥିବାରୁ ରାଜ୍ୟ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଏ ସମ୍ପର୍କରେ ଏକ ସଂସ୍ଥା ଏନ୍‌ଜିଟି କଲିକତାଙ୍କ ନିକଟରେ ଏକ ମାମଲା ରୁଜୁ କରିଥିବା ବେଳେ ଏନ୍‌ଜିଟି ପକ୍ଷରୁ ଗୋଟିଏ ଉଚ୍ଚସ୍ତରୀୟ କମିଟି ଗଠନ ହୋଇ ଏହାର ତଦନ୍ତ କରି ଡିସେମ୍ବର ୨୦ ତାରିଖ ସୁଦ୍ଧା ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହାସତ୍ତ୍ୱେ ମଧ୍ୟ ବେଆଇନ ପଥର ଖୋଳା ଓ ଚାଲାଣ ଜାରି ରହିଛି । ଏ ସଂକ୍ରାନ୍ତରେ ବହୁବାର ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ଦୋଷୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଏହା ବନବିଭାଗ ଅଧିନରେ ଆସୁଥିବା ବେଳେ କୌଣସି ବନବିଭାଗ ଅଧିକାରୀ ଏ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଦେଖାଯାଇଛି । ସେହିପରି ଖଣି ବିଭାଗ ମଧ୍ୟ ପଥର ମାଫିଆଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ନିରବ ସାଜିଛନ୍ତି । ତେଣୁ ବର୍ତ୍ତମାନ ରାଜ୍ୟ ସରକାର ଦୁର୍ନୀତିକୁ ପ୍ରଶ୍ରୟ ଦେଉନଥିବା ବେଳେ ତୁରନ୍ତ ଏହି ବେଆଇନ ଖଣି ଖଦାନ ଲୁଟକୁ ରୋକିବା ସହ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଇମେଲ୍ ଯୋଗେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ କର୍ମଶାଳା

**ଢେଙ୍କାନାଳ,୧୩।୧୨(ରତନ ନାୟାର)**



ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ କର୍ମଶାଳା

ଢେଙ୍କାନାଳ ଜିଲା ଶିଶୁ ସୁରକ୍ଷା ୟୁନିଟ ତଥା ମହିଳା ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଗୁରୁବାର ଏକ ଦିବସୀୟ କର୍ମଶାଳା ସ୍ଥାନୀୟ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଜୁଭେନାଇଲ ଜଷ୍ଟିସ ଆକ୍ଟ ଓ ପୋକ୍‌ସୋ ଆକ୍ଟ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ପୁଷ୍ପକ ତ୍ରିପାଠୀ, ଜେଜେବି ସଦସ୍ୟ ମାନସୀ ମହାପାତ୍ର ଏବଂ ଡିଏସ୍‌ପି କୁମାରୀ ବିସା ଯୋଗ ଦେଇଥିଲେ । ପ୍ରଶିକ୍ଷକ ଭାବେ କଟକ ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ପ୍ରମୋଦ କୁମାର ଆଚାର୍ଯ୍ୟ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ପରିଚାଳନା କରିଥିଲେ । ଆଇନ ପରିବେକ୍ଷଣ ଅଧିକାରୀ ପ୍ରଦୀପ୍ତ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ ।

## ଆକ୍ରମଣକୁ ନେଇ ବାଇକ ପୋଡ଼ାଜଳା

**ଢେଙ୍କାନାଳ,୧୩।୧୨(ରତନ ନାୟାର)**

ଢେଙ୍କାନାଳ ସହର ବିଲସାହି ଠାରେ ଏକ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ଶୁକ୍ରବାର ଟାଉନ ଥାନାରେ ଅଟକ ଥିବା ଜଣେ ଯୁବକଙ୍କର ବାଇକଟିକୁ କେହି ପୋଡ଼ି ଦେଇଥିଲେ । ଥାନାରେ ଅଟକ ଥିବା ଯୁବକ ଉକ୍ତ ଅଞ୍ଚଳରେ ଜଣଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଘଟଣାରେ ପୋଲିସ ତାଙ୍କୁ ପଚରାଉଚରା କରିଥିଲେ । ଏହି ଘଟଣାକୁ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି । ଏହି ସମୟରେ ଅଟକ ଥିବା ଯୁବକଙ୍କ ବାଇକକୁ କେହି ପୋଡି ଦେଇଥିବା ଜଣାପଡିଥିଲା । ଖବରପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଁଚି ତଦନ୍ତ ଜାରି ରଖିଛନ୍ତି। ବାଇକ ପୋଡି ସମ୍ପର୍କରେ ଆଉ ଏକ ମାମଲା ରୁଜୁ ହେବ ବୋଲି ଥାନା ଅଧିକାରୀ ପ୍ରଭାତ କୁମାର ସାହୁ ସୂଚନା ଦେଇଛନ୍ତି ।

## ସାଗର ସାହିତ୍ୟ ସଂସଦ ପକ୍ଷରୁ ପ୍ରବନ୍ଧ ପ୍ରତିଯୋଗିତା



**ଢେଙ୍କାନାଳ,୧୩।୧୨(ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁରସ୍ଥିତ ସାଗର ସାହିତ୍ୟ ସଂସଦ ପକ୍ଷରୁ ଶୁକ୍ରବାର ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଫଳାଫଳ ପ୍ରକାଶ ପାଇଛି। ଗତ ୭ ତାରିଖରେ ଇନ୍ଦିପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ପ୍ରବନ୍ଧ ପ୍ରତିଯୋଗିତାରେ ୧୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ୧୦ମ ଶ୍ରେଣୀ ଛାତ୍ର ଜ୍ୟୋତିରେଖା ସାହୁ ପ୍ରଥମ, ଶ୍ରାବଣୀ ପୃଷ୍ଟି ଦ୍ୱିତୀୟ ଓ ୯ମ ଶ୍ରେଣୀ ଛାତ୍ର ଦୀପକ କୁମାର ଦାସ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ଇନ୍ଦିପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ୧୦ମ ଶ୍ରେଣୀ ଛାତ୍ରୀ ମଧୁସ୍ମିତା ସାହୁ ପ୍ରଥମ, ରଶ୍ମୀତା ପ୍ରଧାନ ଦ୍ୱିତୀୟ ଏବଂ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶୁଭଦର୍ଶିନୀ ପୃଷ୍ଟି ପ୍ରଥମ, ପ୍ରଜ୍ଞା ପାରମିତା ପୃଷ୍ଟି ଦ୍ୱିତୀୟ ଓ ସୁଲୋଚନା ବେହେରା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରାଥମିକ ସ୍ତରେ ଇନ୍ଦିପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୩୦ଜଣ ଛାତ୍ରୀଛାତ୍ର ପ୍ରବନ୍ଧ ପ୍ରତିଯୋଗିତାରେ ଭାଗ ନେଇଥିଲେ । ୮ମ ଶ୍ରେଣୀ ଛାତ୍ର ଅନିମେଶ ସାହୁ ପ୍ରଥମ, ପ୍ରତ୍ୟାଶା ନାୟକ ଦ୍ୱିତୀୟ, ଷଷ୍ଠ ଶ୍ରେଣୀ ଛାତ୍ରୀ ଇପସିତା ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ ।

## ପରଜଙ୍ଗରେ ମୋ ଢେଙ୍କାନାଳ ମହୋତ୍ସବ

**ଢେଙ୍କାନାଳ,୧୩।୧୨(ରତନ ନାୟାର):** ଢେଙ୍କାନାଳ ଗୁରୁଦେବଜୀ ଫାଉଣ୍ଡେସନ ଓ ମୋ ଢେଙ୍କାନାଳ ଚ୍ୟାନେଲ ପକ୍ଷରୁ ଷଷ୍ଠ ପ୍ରତିଷ୍ଠା ଦିବସ ଉପଲକ୍ଷେ ପରଜଙ୍ଗ ବ୍ଲକରେ ଶୁକ୍ରବାର ବ୍ଲକସ୍ତରୀୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ବାରିହାପୁରସ୍ଥିତ ଓଡିଆ ଆଦର୍ଶ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ବ୍ଲକସ୍ତରୀୟ ପ୍ରତିଭା ଅନ୍ୱେଷଣ କର୍ଯ୍ୟକ୍ରମ ଯଥା ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା, ସଙ୍ଗୀତ, ନୃତ୍ୟ ଓ ଅଭିନୟ ପ୍ରତିଯୋଗିତା ହୋଇଥିଲା । ପରଜଙ୍ଗ ବ୍ଲକର ବିଭିନ୍ନ ଅନୁଷ୍ଠାନରୁ ୧୫୦ ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀ ମାନେ ଆସନ୍ତା ୨୦ ତାରିଖରେ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନିତ ହୋଇଥିଲେ । ପରଜଙ୍ଗ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ବିଡିଓ ସୌଭାଗ୍ୟ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ହରିହର ଦେହୁରୀ, ପରଜଙ୍ଗ ଥାନା ଅଧିକାରୀ ପ୍ରିୟବ୍ରତ ଦାସ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତରଣୀ କୁମାର ସିଂ, ସହକାରୀ ମୁଖ୍ୟଯନ୍ତ୍ରୀ ଶ୍ରୀକାନ୍ତ କୁମାର ସାହୁ ଓ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀକାନ୍ତ କୁମାର ନାୟକ ଯୋଗ ଦେଇଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁଦେବଜୀ ଫାଉଣ୍ଡେସନ ଓ ମୋ ଢେଙ୍କାନାଳ ଚ୍ୟାନେଲ ପ୍ରତିଷ୍ଠାତା ସୌମ୍ୟବ୍ରତ ସାହୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ବିଜୟ କୁମାର ମିଶ୍ର, ପ୍ରତାପ ନାୟକ, ସନ୍ତୋଷ କର ସହଯୋଗ କରିଥିଲେ । କ୍ରୀଡା ଶିକ୍ଷୟିତ୍ରୀ ସତ୍ୟଭାମା ନାୟକ ଧନ୍ୟବାଦ ଦେଇଥିଲେ ।



କୃତୀ ପ୍ରତିଯୋଗୀଙ୍କ ସହ ଅତିଥିବୃନ୍ଦ।

## ବିପର୍ଯ୍ୟସ୍ତ ଅବସ୍ଥାରେ ରାମେଶ୍ୱରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ



ବିଦ୍ୟାଳୟକୁ ଲାଗି ରହିଥିବା ବିପଦସଙ୍କୁଳ ମୁକୁଳା ଡ୍ରେନ୍।



ଆସବାବ ଥିବା କୋଠରୀରେ ପିଲା ପାଠ ପଢୁଛନ୍ତି।

**ଢେଙ୍କାନାଳ,୧୩।୧୨(ରତନ ନାୟାର)**

- ବିଦ୍ୟାଳୟର ସମସ୍ୟା ପ୍ରତି ଦୃଷ୍ଟି ପଡୁନି
- ଆସବାବପତ୍ର ଥିବା ଘରେ ପିଲା ପାଠ ପଢୁଛନ୍ତି
- ମୁକୁଳା ଡ୍ରେନ୍ ପିଲାଙ୍କ ପାଇଁ ବିପଦ ସାଜିଛି

ଢେଙ୍କାନାଳ ସହର ଉପକଣ୍ଠ ତଥା ପୌରାଂଚଳର ୧୮ନଂ ୱାର୍ଡରେ ଥିବା ରାମେଶ୍ୱରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ଅବସ୍ଥା ଦେଖିଲେ ଢେଙ୍କାନାଳ ଜିଲାରେ କିଭଳି ଭାବରେ ଶିକ୍ଷାର ବିକାଶ ପାଇଁ ଶିକ୍ଷା ବିଭାଗ କାର୍ଯ୍ୟ କରୁଛି, ତାହା ସ୍ପଷ୍ଟ ଅନୁମେୟ। ୧୯୭୯ରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ବର୍ତ୍ତମାନ ଏକ ପୁରୁଣା ଆସବାବପତ୍ର ଭର୍ତ୍ତି ହୋଇ ଦୂଷିତ ପରିବେଶ ମଧ୍ୟରେ ଥିବା ପ୍ରକୋଷ୍ଠରେ ପିଲାମାନେ ପାଠ ପଢୁଛନ୍ତି । ବିଦ୍ୟାଳୟ ପରିସରରେ ମୁକୁଳା ଡ୍ରେନ୍ ଥିବାରୁ ପିଲାମାନେ ଡ୍ରେନ୍‌ରେ ପଡ଼ି ଖଣ୍ଡିଆ ଖାବରା ହେଉଥିବାରୁ ଏହା ପିଲାଙ୍କ ପାଇଁ ବିପଦ ସାଜିଛି । ବର୍ଷାଦିନେ ଭଙ୍ଗା ଆଜବେଷ୍ଟସରେ ପାଣି ଗଳୁଥିବାରୁ ଏହି ସମୟରେ ପାଠପଢା ଠପ୍ ହୋଇପଡିଥାଏ । ଗୋଟିଏ ପଟେ ସରକାର ସମସ୍ତେ ପଢିବେ, ସମସ୍ତେ ବଢିବେ ସ୍ଲୋଗାନ ଦେଉଥିବା ବେଳେ ବିଦ୍ୟାଳୟର ଅବସ୍ଥା ଶୋଚନୀୟ ହୋଇପଡିଛି । ଏହି ବିଦ୍ୟାଳୟରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୪୦ଜଣ ପିଲା ପାଠ ପଢନ୍ତି । ଶ୍ରେଣୀ ଗୃହର ଅଭାବ ଯୋଗୁ ଗୋଟିଏ ପ୍ରକୋଷ୍ଠରେ ଖୁନ୍ଦାଖୁନ୍ଦି ହୋଇ ପିଲା ପାଠ ପଢୁଛନ୍ତି। ଆଜବେଷ୍ଟସ ଭାଙ୍ଗି ଯାଇଥିବାରୁ ବର୍ଷାହେଲେ ପାଠପଢା ଠପ୍ । ସେହିପରି ସ୍କୁଲର ପାଚେରି ଅଧା ଭାଙ୍ଗି ପଡିବାରୁ କିଛିଦିନ ପରେ ଏହା ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡିଥିଲା । ପାଚେରି ନଥିବାରୁ ପିଲାମାନଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ନିକଟରେ ଥିବା ଅଙ୍ଗନୱାଡି କେନ୍ଦ୍ର ଉପରେ ଶ୍ରେଣୀ ଗୃହର ନିର୍ମାଣ ପାଇଁ ଆସିଥିବା ବେଳେ ଏଥିରେ ରାଜି ହେଉନାହାନ୍ତି ଅଭିଭାବକ । କାରଣ ଦୁଇ ମହଲା ଉପରେ ଛୋଟପିଲା ପାଠ ପଢିବା ସମ୍ଭବପର ନୁହେଁ ବୋଲି ଅଭିଭାବକମାନେ ଦର୍ଶାଇଛନ୍ତି । ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ କହିଲେ ଯେ, କୌଣସି ପ୍ରକାର ଦୁର୍ଗନ୍ଧ ଜନିତ ପରିସ୍ଥିତିରେ ପିଲାମାନେ ପାଠ ପଢିବା ଗ୍ରହଣୀୟ ନୁହେଁ। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସହିତ କଥା ହୋଇ ସମସ୍ୟା ବିଷୟରେ ଜାଣିଲି । ଡ୍ରେନ୍ ପରିଷ୍କାର ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀଙ୍କ ସହିତ କଥା ହୋଇଛି। ଶ୍ରେଣୀ ଗୃହ ପ୍ରକୋଷ୍ଠ ନିର୍ମାଣ ପାଇଁ ପ୍ରସ୍ତାବ ଅନୁମୋଦିତ ହୋଇ ଅନୁଦାନ ଆସିଛି । ବିଦ୍ୟାଳୟ ପରିସରରେ ଜାଗା କମ୍ ଅଛି । ଏ ସଂକ୍ରାନ୍ତରେ ଜିଲା ଶିକ୍ଷା ଅଧିକାରୀଙ୍କ ସହିତ ମଧ୍ୟ ଆଲୋଚନା କରାଯିବ । ମୁଁ ମଧ୍ୟ ବିଦ୍ୟାଳୟକୁ ଯାଇ ସ୍ଥିତି ଅନୁଧ୍ୟାନ କରିବି । ଏହାପରେ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କହିଥିଲେ ।

